# ପିଲାମାନଙ୍କ ପାଇଁ ବାଇବଲ
## ଉପହାର

# ଯୀଶୁ ଏକ ମହାନ ଶିକ୍ଷକ



ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: E. Frischbutter; Sarah S.

ଅନୁବାଦକ: Prasanta Bhuyan

Alastair Paterson

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଯୀଶୁ ଏକ ମହାନ
ଶିକ୍ଷକ ଥିଲେ, ଜଗତରେ ଜନ୍ମିଥିବା ସମସ୍ତ ଗୁରୁ
ମାନଙ୍କ ମଧ୍ୟରୁ ସେ ସବୁଠୁ ଉତ୍ତମ । ଲୋକ
ଗହଳି ତାଙ୍କ ବାକ୍ୟ ଶୁଣୁଥିଲେ ।



ଯୀଶୁ ସେମାନଙ୍କୁ ଦୟାଳୁ
ହୋବାକୁ କହିଲେ, ଉତ୍ତମ ଓ ଦୟା । ଅନ୍ୟାମାନେ
ସେମାନଙ୍କୁ ଘୃଣା ଓ କ୍ଷତି ମଧ୍ୟ କରିପାରନ୍ତି ମାତ୍ର
ପରମେଶ୍ୱର ସେମାନଙ୍କର ଯତ୍ନ ନେବେ ।



ଯୀଶୁ ଅନେକ ବିଷୟରେ ଶିକ୍ଷା ଦେଲେ ।

ସେ କହିଲେ ମହମ ଯେପରି ଏକ ଗୃହକୁ ଆଲୋକିତ କରେ ଠିକ୍ ସେହିପରି ଈଶ୍ୱରଙ୍କ ଲୋକମାନେ ଜଗତକୁ ଆଲୋକିତ କରିବା ଆବଶ୍ୟକ । ମହମ ଏକ ଅନ୍ଧାର ଘରେ କି ପ୍ରକାରର ପ୍ରଭେଦ ଆଣିଥାଏ ।

ଯୀଶୁ ଯେଉଁ ଲୋକମାନଙ୍କୁ କଥାହେଲେ ସେମାନେ ପ୍ରତିଶୋଧ ଉପରେ ବିଶ୍ୱାସକାରୀ । ଚ଼କ୍ଷୁ ପରିବର୍ତ୍ତେ ଚ଼କ୍ଷୁ, ଦନ୍ତ ବଦଳରେ ଦନ୍ତ ।

କିନ୍ତୁ ଯୀଶୁ ଦୟା, କ୍ଷମା ଓ ପ୍ରେମ ଏପରି କି ଶତ୍ରୁମାନଙ୍କୁ ମଧ୍ୟ ଦେଖାଇବାକୁ ଶିଖାଇଲେ ।





ଯୀଶୁଙ୍କ ସମୟରେ, କେତେକ ଲୋକ ନିଜକୁ
ଅତୀ ପବିତ୍ର ଭାବରେ ପ୍ରକାଶ କରୁଥିଲେ ।
ଯେତେବେଳେ ସେମାନେ ଦାନ କରନ୍ତି
ସୋମାନେ ତୁରୀ ବଜାନ୍ତି ଯେପରି
ଉପସ୍ଥିତ
ସମସ୍ତେ
ସେମାନଙ୍କୁ ଦେଖିପାରନ୍ତି ।

ଅଜ୍ଞାତ ଭାବରେ ଦାନ କର, ଓ ପରମେଶ୍ୱର ତୁମ୍ଭମାନଙ୍କୁ ପୁରସ୍କୃତ କରିବେ, ଯୀଶୁ କହିଲେ ।



ଯୀଶୁ ପ୍ରାର୍ଥନା ବିଷୟରେ ମଧ୍ୟ ସେହିପରି ଶିଖାଇଲେ । କେତେକ ଲୋକ ଗହଳି ମଧ୍ୟରେ, ଛକକୋଣରେ ଛିଡ଼ା ହୋଇ ପ୍ରାର୍ଥନା କରିବାକୁ ଭଲ ପାଉଥିଲେ ଯେପରି ଅନେକେ ସେମାନଙ୍କୁ ଦେଖିବେ ଓ ଶୁଣିପାରବେ ।



ସେମାନେ ପରମେଶ୍ୱରଙ୍କ ବିଷୟରେ ଚିନ୍ତା କରୁ ନଥିଲେ ବରଂ ଲୋକମାନେ ସେମାନଙ୍କ ବିଷୟରେ ଯାହା ଚିନ୍ତା କରୁଛନ୍ତି ତାହା ଉପରେ ସର୍ବଦା ଧ୍ୟାନ ଦେଉଥିଲେ । ଯୀଶୁ ସେମାନଙ୍କୁ କପଟୀମାନେ ଡାକିଲେ, ସେମାନେ ଲୋକ ଦେଖାଇବା ପାଇଁ ସେହିସବୁ କରନ୍ତି ।



ଯୀଶୁ ଅନେକ ସମୟରେ ପ୍ରକୃତିକୁ ବ୍ୟବହାର କରି ନିଜର ଶିକ୍ଷାକୁ ବ୍ୟାଖ୍ୟା କରୁଥିଲେ । ଉଦାହରଣ ସ୍ୱରୁପେ, ସେ ପକ୍ଷୀ ମାନଙ୍କୁ ଦେଖାଇ କହିଲେ, ତୁମ୍ଭର ସ୍ୱର୍ଗବାସୀ ପିତା ସେମାନଙ୍କୁ ଖାଦ୍ୟ ଯୋଗାନ୍ତି, ସେ କହିଲେ । ବ୍ୟସ୍ତ ହୁଅ ନାହିଁ । ପରମେଶ୍ୱର ତୁମ୍ଭମାନଙ୍କୁ ମଧ୍ୟ ଆହାର ଯୋଗାଇବେ ।



ରାଜା ସଲୋମନ ସୁଦ୍ଧା ଆପଣାର ସମସ୍ତ ଐଶ୍ୱର୍ଯ୍ୟରେ ଏଗୁଡ଼ିକ ମଧ୍ୟରୁ ଗୋଟିକ ପରି ବିଭୂଷିତ ନଥିଲେ । ଯଦି ପରମେଶ୍ୱର ଜମିରେ ଥିବା, ଯୀଶୁ କହିଚାଲିଲେ । ଯେବେ ପରମେଶ୍ୱର ଘାସକୁ ...



... ସୁନ୍ଦର ବେଶ ଦିଅନ୍ତି ତେବେ ସେ ତୁମ୍ଭମାନଙ୍କୁ କି ଅଧିକ ନିଶ୍ଚିତ ରୁପେ ବସ୍ତ୍ର ନ ଦେବେ, ଯୀଶୁ ସେମାନଙ୍କୁ ପରମେଶ୍ୱରଙ୍କ ଉପରେ ଭରଷା କରିବାକୁ ଶିଖାଉଥିଲେ ଯେ କି ଆମର ସମସ୍ତ ଆବଶ୍ୟକତାକୁ ପ୍ରଦାନ

କରନ୍ତି ।



ଯୀଶୁ କହିଲେ, ଯଦି ତୁମ୍ଭେ ଆପଣା ଭାଇକୁ ବିଚାର କର, ତେବେ ନିଜ ଆଖିରେ କଡ଼ିକାଠ ରଖି, ନିଜ ଭାଇର ଆଖିରୁ କୁଟାଖଣ୍ଡିକ ବାହାର କରିବା ସଂଙ୍ଗେ ସମାନ ଅଟେ । ହୋଇପାରେ ଲୋକମାନେ ମୁରୁକି ହସିଥାଇ ପାରନ୍ତି, କିନ୍ତୁ ସେମାନେ ତାହାର ଯଥାର୍ଥ ଚିନ୍ତା କରିବା ଆବଶ୍ୟକ ଥିଲା ।





ଯୀଶୁ କହିଲେ, ଲୋକମାନେ ନିଶ୍ଚିତ ଭାବରେ ସାହଯ୍ୟ
ନିମନ୍ତେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା ଆବଶ୍ୟକ ।
ଜଗତର ପିତାକୁ ଯଦି କେହି ଭୋକିଲା ପୁଅ ରୋଟି
ମାଗିଲେ କି ସେ ତାହାକୁ ପଥର
ଦେବେ? ନୁହେଁ, ସେମାନେ
ଉତ୍ତମ ଜିନିଷ ଦିଅନ୍ତି ।
ଈଶ୍ୱର ମଧ୍ୟ ଉତ୍ତମ ଜିନିଷ
ଦାନକରନ୍ତି ଯେଉଁମାନେ
ତାଙ୍କୁ ମାଗନ୍ତି ।

ଯୀଶୁ, ଏକ ମହାନ ଶିକ୍ଷକ, ସେ ଭଣ୍ଡ ଶିକ୍ଷକମାନଙ୍କ ବିଷୟରେ ଅବଗତ କରାଇଲେ । ଯୀଶୁ କହିଲେ, ସେମାନେ ମେଣ୍ଢାପରି ବେଶ କରନ୍ତି । କିନ୍ତୁ ଅନ୍ତରରେ ସେମାନେ ହିଂସ୍ରକ ବାଘ । ଭଣ୍ଡ ଶିକ୍ଷକମାନଙ୍କୁ ସେମାନଙ୍କ ଜୀବନ ଯାପନ ଶୈଳିରୁ ସେମାନେ ଚିହ୍ନାଯିବେ ।





କାହାଣିରେ ସେ କହିଲେ, ଯୀଶୁ ଦେଖାଇଲେ କି ଯେଉଁମାନେ ଇଶ୍ୱରଙ୍କ ବାକ୍ୟ ପାଳନ କରନ୍ତି, ସେମାନେ ଏକ ମନୁଷ୍ୟ ପଥର ଉପରେ ଘର ଗଢ଼ିବା ଲୋକ ପରି । ଭୟଙ୍କର ଝଡ଼ ତୋଫାନ ହେଲା ।

ଯେତେବେଳେ ତୋଫାନ ଶେଷହେଲା, ଘରଟି ଶକ୍ତ ହୋଇ ଛିଡ଼ା ହୋଇଥିଲା ।

କିନ୍ତୁ ମୂର୍ଖଲୋକ ନିଜର ଘର ବାଲୁକାମୟ ସ୍ଥାନରେ ଗଢ଼ିଲେ ।
ଯେତେବେଳେ ଝଡ଼ ହେଲା ବତାଶ ବୋହିଲା ଓ ସେହି ଘରକୁ ଧକ୍କା
ମାରିଲା ଓ ତାହା ପଡ଼ିଗଲା କାରଣ ତାହାର ମୂଳଦୁଆ ଦୁର୍ବଳ ଥିଲା ।
ଯୀଶୁ କହିଲେ ଯେଉଁମାନେ ଇଶ୍ୱରଙ୍କ ବାଖ୍ୟ ଶୁଣି ପାଳନ କରନ୍ତି ନାହିଁ
ସେମାନେ ଏହି ପ୍ରକାର ଲୋକ ଅଟନ୍ତି ।



ଲୋକସମୁହ ଯୀଶୁଙ୍କ କଥାରେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସେମାନେ ଏପରି ବାକ୍ୟ ଆଗରୁ କେବେହେଁ ଶୁଣି ନଥିଲେ, ବର୍ତ୍ତମାନ୍ ସେମାନେ ଜାଣିଲେ ଯେ ଇଶ୍ୱରଙ୍କ ବାକ୍ୟ ଶୁଣିବା କେବେହେଁ ଯଥେଷ୍ଟ ନୁହେଁ । ସେମାନଙ୍କୁ ସେହି ବାକ୍ୟକୁ ପ୍ରତ୍ୟକ ଦିନ ପାଳନ କରିବା ଆବଶ୍ୟକ ।



# ଯୀଶୁ ଏକ ମହାନ ଶିକ୍ଷକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୫-୭, ଲୂକ ୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ
ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଈଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କ୍ରୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬